# NATIONAL NEWS BULLETIN (ODIA)
## 23 December - 2024
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ କୁଏତ ଗସ୍ତ ଶେଷ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ପ୍ରଧାନମନ୍ତ୍ରୀ ।

\- ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ର ପାଇଁ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ।

- କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପାଇଁ ମନୋନୀତ ନବନିଯୁକ୍ତଙ୍କୁ ଆଜି ନିଯୁକ୍ତିପତ୍ର ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ ।
- ଦେଶ ବିକାଶରେ କୃଷକଙ୍କ ଅବଦାନକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ପାଳନ କରାଯାଉଛି ଜାତୀୟ କୃଷକ ଦିବସ ।
- ଇସ୍ରାଏଲର ଆକାଶମାର୍ଗ ଆକ୍ରମଣ ଯୋଗୁଁ ଗତ ୨୪ଘଣ୍ଟା ମଧ୍ୟରେ ଗାଜା ଉପତ୍ୟକାରେ ୩୨ଜଣଙ୍କର ମୃତ୍ୟୁ ।

ଏବଂ

- ବଦୋଦରା ମହିଳା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ' ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୧୧ ରନ୍‌ରେ ବିଜୟୀ ।

# ଇଣ୍ଡିଆ-କୁଏତ ଟେରୋରିଜିମ

କୁଏତକୁ ଦୁଇଦିନିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ପ୍ରତିରକ୍ଷା ସହଯୋଗଠାରୁ ଆରମ୍ଭ କରି ସାଂସ୍କୃତିକ ବିନିମୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ଦୁଇଦେଶ ମଧ୍ୟରେ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବ୍ୟାପକ ପ୍ରତିରକ୍ଷା ସହଯୋଗ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କର୍ମଚାରୀ ଆଦାନ ପ୍ରଦାନ, ମିଳିତ ସାମରିକ ଅଭ୍ୟାସ, ପ୍ରତିରକ୍ଷା ଶିଳ୍ପ ବିକାଶରେ ସହଯୋଗ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଦୁଇଦେଶ ସହମତ ହୋଇଛନ୍ତି । ଏଥିସହ ପ୍ରତିରକ୍ଷା ଉପକରଣ ଯୋଗାଣ ଏବଂ ମିଳିତ ଗବେଷଣାର ମଧ୍ୟ ବ୍ୟବସ୍ଥା ହୋଇଛି ।

ସେହିଭଳି ୨୦୨୫ରୁ ୨୦୨୯ ମଧ୍ୟରେ ସାଂସ୍କୃତିକ ବିନିମୟର କାର୍ଯ୍ୟକ୍ରମ ମଧ୍ୟ ବୁଝାମଣା ହୋଇଛି । କ୍ରୀଡ଼ା କ୍ଷେତ୍ରରେ ସହଯୋଗ ପାଇଁ ମଧ୍ୟ ଦୁଇଦେଶ ଜ୍ଞାନର ଆଦାନପ୍ରଦାନ ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ପ୍ରଦାନ ଲକ୍ଷ୍ୟରେ ସହମତ ହୋଇଛନ୍ତି । ଆନ୍ତର୍ଜାତିକ ସୌର ମେଣ୍ଟରେ ସାମିଲ ହେବା ପାଇଁ କୁଏତର ନିଷ୍ପତ୍ତି ପରିବେଶ ସହଯୋଗ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଇଛି । ଦୁଇଦେଶ

ମଧ୍ୟରେ ସୌରଶକ୍ତି ନିୟୋଜନ ଏବଂ ଅକ୍ଷୟଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି ।

ଦୁଇଦେଶ ସୀମାପାର ଆତଙ୍କବାଦ ସମେତ ସମସ୍ତ ପ୍ରକାର ଆତଙ୍କୀ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଛନ୍ତି । ଆତଙ୍କବାଦୀ ଗୋଷ୍ଠୀଙ୍କୁ ପାଣ୍ଠି ଯୋଗାଣ ତଥା ଏହାର ଭିତ୍ତିଭୂମିକୁ ମୂଳୋତ୍ପାଟନ କରିବା ପାଇଁ ଦୁଇଦେଶ ଆହ୍ୱାନ ଦେଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ମିଳିତ ବିବୃତ୍ତିରେ କୁହାଯାଇଛି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ଉଭୟପକ୍ଷ ଆତଙ୍କବାଦ ବିରୋଧୀ ଅଭିଯାନ, ସାଇବର ସୁରକ୍ଷା ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଛି ।

# ପିଏମ୍ ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ୭୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ। ଏହି ଅବସରରେ ସେ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି। ଦେଶର ୪୫ଟି ସ୍ଥାନରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପାଇଁ ଏହି ନବନିଯୁକ୍ତ ମନୋନିତ ହୋଇଛନ୍ତି। ଏହି ରୋଜଗାର ମେଳା ମାଧ୍ୟମରେ କେନ୍ଦ୍ର ସରକାର ନିଯୁକ୍ତିକୁ ପ୍ରାଥମିକତା ପ୍ରଦାନ କରୁଥିବା ପ୍ରମାଣିତ ହେଉଛି। ଦେଶ ନିର୍ମାଣ ଏବଂ ଆତ୍ମ ସଶକ୍ତୀକରଣ କ୍ଷେତ୍ରରେ ଯୁବବର୍ଗଙ୍କୁ ଅଂଶଗ୍ରହଣ ପାଇଁ ଏହା ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ

କରିବ। ଏହି ନବନିଯୁକ୍ତ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଡାକବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରଣାଳୟ ଏବଂ ଆର୍ଥିକ ସେବା ବିଭାଗ ଆଦିରେ ଯୋଗଦେବେ।

## ଫାର୍ମର୍ସ ଡେ

ଦେଶ ବିକାଶରେ କୃଷକଙ୍କ ଅବଦାନକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ସମଗ୍ର ଦେଶରେ ଜାତୀୟ କୃଷକ ଦିବସ ପାଳନ କରାଯାଉଛି । ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ତ୍ୱରାନ୍ୱିତ ତଥା କୃଷି ଐତିହ୍ୟକୁ ସଂରକ୍ଷିତ ରଖିବାରେ କୃଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମାଜର ବିଭିନ୍ନ ବର୍ଗରେ ସ୍ମରଣ କରାଯାଉଛି । ଦେଶରେ କୃଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ତଥା ସ୍ଥାୟୀ କୃଷି ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପଦକ୍ଷେପ ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଶାନ ମାନ-ଧନ ଯୋଜନା ଆଦି ଅନ୍ତର୍ଭୁକ୍ତ । ଏଥିରେ କୃଷକଙ୍କର ଆର୍ଥିକ ସୁରକ୍ଷା, କୃଷି କ୍ଷେତ୍ରରେ ଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ଏବଂ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି । ଚଳିତବର୍ଷ ଦେଶରେ ରେକର୍ଡ ପରିମାଣ ୩୩୨ ଦଶମିକ ୨ ନିୟୁତ ଟନ୍ ଖାଦ୍ୟଶସ୍ୟ

ଉତ୍ପାଦିତ ହୋଇଛି । ଏହା ପୂର୍ବବର୍ଷ ତୁଳନାରେ ଅଧିକ ବୋଲି ଜଣାପଡିଛି ।

## ପିଏମ୍-କ୍ରିସ୍‌ମସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ କ୍ରିସ୍‌ମସ୍ ଉତ୍ସବରେ ଯୋଗଦେବେ। କ୍ୟାଥଲିକ୍ ବିଶପ୍ ସମ୍ମିଳନୀ ଅଫ୍ ଇଣ୍ଡିଆ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଡିନାଲ୍ ବିଶପ୍, ଚର୍ଚ୍ଚର ପ୍ରମୁଖ ସାଧାରଣ ନେତାମାନଙ୍କ ସମେତ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ପ୍ରମୁଖ ନେତାମାନଙ୍କ ସହ ଭାବ ବିନିମୟ କରିବେ। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଦେଶର କ୍ୟାଥଲିକ୍ ଚର୍ଚ୍ଚର ମୁଖ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏପରି ଏକ କାର୍ଯ୍ୟକ୍ରମରେ ଯୋଗଦେବେ।

## ପାକ୍ ବ୍ୟାନ୍

ପାକିସ୍ତାନର ୩୦ଟି ଭିନ୍ନ ଭିନ୍ନ ସହରର ଲୋକଙ୍କୁ ଭିସା ପ୍ରଦାନ ଉପରେ କେତେକ ରାଷ୍ଟ୍ର ପ୍ରତିବନ୍ଧକ ଲଗାଇଛନ୍ତି । ସଂଯୁକ୍ତ ଆରବ ଏମିରେଟ୍‌ସ, ସାଉଦୀ ଆରବ ଏବଂ ଅନ୍ୟକେତେକ ଉପସାଗରୀୟ ଦେଶ ଏହି ନିଷ୍ପତ୍ତି ନେଇଛନ୍ତି । ନିଶାଦ୍ରବ୍ୟ ଚୋରାଚାଲାଣ, ମାନବ ଚାଲାଣ ଏବଂ ଅନ୍ୟାନ୍ୟ ଅପରାଧିକ ମାମଲାରେ ଜଡିତ ଅଭିଯୋଗରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡିଛି । ସେହିସବୁ ରାଷ୍ଟ୍ର ଗୁଡ଼ିକରେ ପାକିସ୍ତାନ ନାଗରିକ ଭିକମାଗିବା ଏବଂ

ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପରେ ଜଡିତ ଥିବା ଅଭିଯୋଗ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସେଠାରେ ଏଭଳି କାର୍ଯ୍ୟକଳାପରେ ପାକିସ୍ତାନୀ ନାଗରିକଙ୍କର ସଂପୃକ୍ତି ଚିନ୍ତାଜନକ ଭାବେ ବୃଦ୍ଧି ପାଇଥିବା ଜଣାପଡିଛି । ଉପସାଗରୀୟ ଦେଶ ବିଶେଷକରି ଦୁବାଇ ଏବଂ ଆବୁଧାବି ଲକ୍ଷାଧିକ ପାକିସ୍ତାନୀ ଯାତ୍ରୀ ଏବଂ ଚାକିରୀ ଖୋଜୁଥିବା ଲୋକଙ୍କର ସବୁଠରୁ ପସନ୍ଦଯୋଗ୍ୟ ସ୍ଥାନ ଭାବେ ବିବେଚନା କରାଯାଇଛି ।

## ଭିପି-ଚୌଧୁରୀ ଚରଣ ସିଂ ଆୱାର୍ଡସ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି କୃଷି ହେଉଛି ଗ୍ରାମୀଣ ବିକାଶର ମେରୁଦଣ୍ଡ । ଗ୍ରାମୀଣ ସ୍ଥିତି ପରିବର୍ତ୍ତନ ହେଲେ ହିଁ ବିକଶିତ ରାଷ୍ଟ୍ର ଗଠନ ସ୍ୱପ୍ନ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଚୌଧୁରୀ ଚରଣ ସିଂହ ପୁରସ୍କାର ୨୦୨୪ ବିଜୟୀ ବ୍ୟକ୍ତିବିଶେଷଙ୍କ ସହ ମତ ବିନିମୟ ବେଳେ ଶ୍ରୀ ଧନଖଡ କହିଛନ୍ତି ଗ୍ରାମୀଣ ବିକାଶ, କୃଷକଙ୍କ କଲ୍ୟାଣ ଏବଂ ସାମଗ୍ରୀକ ଅଭିବୃଦ୍ଧି ପାଇଁ ଚୌଧୁରୀ ଚରଣ ସିଂହ ନିରନ୍ତର କାର୍ଯ୍ୟ କରିଥିଲେ । କୃଷକ ଏବଂ ସେମାନଙ୍କର ପରିବାର ଆତ୍ମନିର୍ଭରଶୀଳ ହେଲେ ଗ୍ରାମୀଣ ଅର୍ଥନୀତି ତ୍ୱରାନ୍ୱିତ ହୋଇପାରିବ । ଭାରତ ଖୁବ୍‌ଶୀଘ୍ର ଜାପାନ ଏବଂ ଜର୍ମାନୀକୁ ପଛରେ ପକାଇ ତୃତୀୟ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## ଜିତେନ୍ଦ୍ର ଗୁଡ୍ ଗଭର୍ଣ୍ଣାନ୍ସ

କାର୍ମିକ, ଜନ ଅଭିଯୋଗ ଏବଂ ପେନ୍‌ସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀଠାରେ ସୁଶାସନ ସମ୍ପର୍କିତ ଏକ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରିବେ । ଏହି କର୍ମଶାଳାରେ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିବେ । ଏହି ଅବସରରେ ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ସ୍ୱଚ୍ଛତା ଅଭିଯାନ ୪ ଦଶମିକ ଶୂନ୍‌ର ଶ୍ରେଷ୍ଠ ପଦକ୍ଷେପ ଗୁଡ଼ିକ ଉପରେ ଆଧାରିତ ଏକ ପ୍ରଦର୍ଶନୀକୁ ମନ୍ତ୍ରୀ ଡକ୍ଟର ସିଂହ ଉଦ୍‌ଘାଟନ କରିବା ସହ ମୂଲ୍ୟାୟନ ରିପୋର୍ଟ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । ୨୦୨୧ରୁ ୨୦୨୪ ମଧ୍ୟରେ ପ୍ରଶାସନିକ ସଂସ୍କାର ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ସୁଶାସନ ସମ୍ପର୍କିତ ଏହା ହେଉଛି ଚତୁର୍ଥ ଜାତୀୟ କର୍ମଶାଳା । ପ୍ରତ୍ୟେକ ବର୍ଷ ଡିସେମ୍ବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ସୁଶାସନ ସପ୍ତାହ ଅଭିଯାନର ଏହା ଏକ ବିଶେଷ କାର୍ଯ୍ୟକ୍ରମ ପାଲଟିଛି । ଚତୁର୍ଥ ସୁଶାସନ ସପ୍ତାହ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ସୁଶାସନ ଦେଶର ପ୍ରଗତିର ଚାବିକାଠି । ଲୋକଙ୍କ ସାମଗ୍ରୀକ କଲ୍ୟାଣ ଏବଂ ଉନ୍ନତି ପାଇଁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଇସ୍ରାଏଲ ଏୟାର ଷ୍ଟ୍ରାଇକ୍

ଇସ୍ରାଏଲର ଆକାଶମାର୍ଗ ଆକ୍ରମଣ ଯୋଗୁଁ ଗତ ୨୪ଘଣ୍ଟା ମଧ୍ୟରେ ଗାଜା ଉପତ୍ୟକାରେ ଅତିକମ୍‌ରେ ୩୨ଜଣ ପାଲେଷ୍ଟାଇନ୍‌ଙ୍କର ମୃତ୍ୟୁ ହୋଇଛି । ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି ଆକ୍ରମଣରେ ୫୪ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣ ଯୋଗୁଁ ଗାଜା ସହରରେ ବିସ୍ଥାପିତ ଲୋକ ଆଶ୍ରୟ ନେଇଥିବା ଏକ ବିଦ୍ୟାଳୟ ପ୍ରଭାବିତ ହୋଇଛି ।

ତେବେ ବିଦ୍ୟାଳୟରେ ରହୁଥିବା ହମାସ୍ ଆତଙ୍କବାଦୀକୁ ଲକ୍ଷ୍ୟକରି ଆକ୍ରମଣ କରାଯାଇଥିଲା ବୋଲି ଇସ୍ରାଏଲ ସେନା କହିଛି । ଅନ୍ୟପକ୍ଷରେ ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ ଅସ୍ତ୍ରବିରତି ପାଇଁ ମଧ୍ୟସ୍ଥତାଙ୍କ ମାଧ୍ୟମରେ ପଦକ୍ଷେପ ନିଆଯାଉଛି । ଗତ ସପ୍ତାହରେ ଦୋହାରେ କାତାର, ଇଜିପ୍ଟ ଏବଂ ଆମେରିକାର ମଧ୍ୟସ୍ଥତାରେ ଦୁଇପକ୍ଷ ମଧ୍ୟରେ ପରୋକ୍ଷ ଆଲୋଚନା ଚାଲିଛି । ଗତବର୍ଷ ଅକ୍ଟୋବର ୭ ତାରିଖରୁ ଗାଜା ଯୁଦ୍ଧ ଆରମ୍ଭ ହେବା ପରଠାରୁ ମୃତ୍ୟୁସଂଖ୍ୟା ୪୫ହଜାର ଅତିକ୍ରମ କରିଛି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି ।

ଅନ୍ୟଏକ ଘଟଣାକ୍ରମରେ ଇସ୍ରାଏଲର ତେଲଆବିବ ଜାଫା ଅଞ୍ଚଳରେ ହୁତି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣ ପରେ ଆମେରିକା ସେନା ପକ୍ଷରୁ ୟେମେନ୍‌ର ରାଜଧାନୀ ସାମା ଉପରେ ଆକାଶମାର୍ଗରୁ ଆକ୍ରମଣ କରାଯାଇଛି ।

## ସ୍ଲୋଭାକ ପିଏମ୍-ରୁଷିଆ ଭିଜିଟ୍

ରୁଷ ସହ ବାଣିଜ୍ୟ ସମ୍ପର୍କ ବୃଦ୍ଧି ଲକ୍ଷ୍ୟରେ ସ୍ଲୋଭାକ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋ ଗତକାଲି ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । କମ୍ ଖର୍ଚ୍ଚରେ ରୁଷୀୟ ଜୀବାଶ୍ମ ଇନ୍ଧନ ଉପଲବ୍ଧ ଲକ୍ଷ୍ୟରେ ଏଭଳି ଆଲୋଚନା ହୋଇଥିବା ଜଣାପଡିଛି । କ୍ରେମଲିନର ଗଣମାଧ୍ୟମ ସଚିବ ଦିମିତ୍ରି ପେସ୍କୋ ପ୍ରଧାନମନ୍ତ୍ରୀ ଫିକୋଙ୍କ ଏହି ଗସ୍ତକୁ କାର୍ଯ୍ୟକାରୀ ଗସ୍ତ ବୋଲି ଅଭିହିତ କରିଛନ୍ତି । ସ୍ଲୋଭାକିଆ ଏବଂ ହଙ୍ଗେରୀ ରୁଷ୍ ସହ ଗ୍ୟାସ୍ ଆମଦାନୀ ସଂକ୍ରାନ୍ତ ଚୁକ୍ତି କରିବାକୁ ପଦକ୍ଷେପ ନେଇଥିବା ଜଣାପଡିଛି । ୟୁକ୍ରେନ ସହିତ ସଂଘର୍ଷ ଆରମ୍ଭ ହେବା ପରଠାରୁ ଅଷ୍ଟ୍ରିୟାର ଚାନ୍ସଲେର କାର୍ଲ ନେହାମର ଏବଂ ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍‌ବାନଙ୍କ ସମେତ ୟୁରୋପୀୟ ସଂଘର ଅନ୍ୟ ୨ଜଣ ରାଷ୍ଟ୍ରମୁଖ୍ୟ ରୁଷିଆ ଗସ୍ତ କରିଥିବା ଜଣାପଡିଛି । ତେବେ ଏହିସବୁ ଗସ୍ତକୁ ୟୁରୋପୀୟ ସଂଘର ଅଧିକାରୀ ନିନ୍ଦା କରିଛନ୍ତି ।

## ୱିମେନ୍ କ୍ରିକେଟ୍

ବଦୋଦରାର ଗତକାଲି ଅନୁଷ୍ଠିତ ଭାରତ-ୱେଷ୍ଟଇଣ୍ଡିଜ୍ ଦିନିକିଆ ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ରେ ପ୍ରଥମ ମ୍ୟାଚ୍‌ରେ ୨୧୧ରନ୍‌ରେ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ୱିକେଟ୍ ବିନିମୟରେ ୩୧୪ ରନ୍ ସଂଗ୍ରହ କରିଥିଲା ।

ଦଳପକ୍ଷରୁ ସ୍ମୃତି ମାନ୍ଧାନା ସର୍ବାଧିକ ୯୧ ରନ୍ ଓ ହରଲିନ୍ ଦେଓ୍ୱଲ୍ ୪୪ ରନ୍ ସଂଗ୍ରହ କରିଥିଲେ । ୩୧୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଓ୍ୱେଷ୍ଟଇଣ୍ଡିଜ ୨୬ଓଭର ୨ଟି ବଲ୍ ଖେଳି ସମସ୍ତ ଓ୍ୱିକେଟ୍ ହରାଇ ୧୦୩ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ରେଣୁକା ଠାକୁର ସିଂହ ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ପ୍ରିୟା ମିଶ୍ରା ୨ଟି, ତିତାସ ସିନ୍ଧୁ ଏବଂ ଦିପ୍ତି ଶର୍ମା ଗୋଟିଏ ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ । ରେଣୁକା ଠାକୁର ସିଂହଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଓ ଶେଷ ମ୍ୟାଚ୍ ୨୭ ତାରିଖ ଦିନ ବଦୋଦରାରେ ଅନୁଷ୍ଠିତ ହେବ।